# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 April - 2026**

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଇନ୍‌ଫୋଭ୍ୟାଲି-୨ରେ ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି-ଗ୍ଲାସ୍ ସେମିକଣ୍ଡକ୍ଟର ପ୍ରକଳ୍ପର ହେଲା ଶିଳାନ୍ୟାସ

— ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଓ ଉଚ୍ଚମାନର କମ୍ପ୍ୟୁଟିଂ କ୍ଷେତ୍ରରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ; କହିଲେ ମୁଖ୍ୟମନ୍ତ୍ରୀ

— ଭାରତରେ ଗତ ୧୨ ବର୍ଷରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଛଅ ଗୁଣ ବୃଦ୍ଧି ପାଇଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା

- ଲୋକମାନଙ୍କ ସୁରକ୍ଷା ଲାଗି ସରକାର ନିର୍ମାଣ କରିବେ ଅଧିକ ସଂଖ୍ୟାର ଆଶ୍ରୟସ୍ଥଳି

- ଯକୃତର ଉପଯୁକ୍ତ ଯତ୍ନ ଓ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ଯକୃତ ଦିବସ'

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ସମ୍ଭାବନା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

# ମୁଖ୍ୟମନ୍ତ୍ରୀ-ବିକଶିତ ଭାରତ

ବିକଶିତ ଭାରତର ପରିକଳ୍ପନା, ପୂର୍ବୋଦୟର ବିକାଶ ବିଶେଷ ଭାବରେ ଓଡ଼ିଶାରୁ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲି-୨ ଠାରେ ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି-ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଆଜି ପ୍ରଥମ ଥର ଏଭଳି ଏକ କାର୍ଯ୍ୟର ମୂଳଦୁଆ ସ୍ଥାପନ କରାଯାଇଛି, ଯାହା ଦେଶର ପ୍ରଥମ ଅତ୍ୟାଧୁନିକ ଥ୍ରୀଡି-ପ୍ୟାକେଜିଂ ପ୍ରକଳ୍ପ ସାବ୍ୟସ୍ତ ହୋଇଛି।

ବିଶ୍ୱର ପ୍ରମୁଖ କମ୍ପାନୀ ଇଣ୍ଟେଲ, ଲଖେଟ ମାଟିନ ଏବଂ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ୍ ଭଳି ପ୍ରତିଷ୍ଠାନ ଓଡ଼ିଶାରେ ଥ୍ରୀଡି-ଗ୍ଲାସ୍ ସମାଧାନ ସହ ସମ୍ପର୍କିତ ଏହି ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପରୁ ପ୍ରସ୍ତୁତ ହେବାକୁ ଥିବା ଉପାଦାନଗୁଡ଼ିକ ଆଗାମୀ ଦିନରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବସ୍ଥା ଏବଂ ଉଚ୍ଚମାନର କମ୍ପ୍ୟୁଟିଂ ତଥା ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ  ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ସେ କହିଛନ୍ତି, ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପରେ କମ୍ପାନୀଗୁଡ଼ିକ ପକ୍ଷରୁ ୨ ହଜାର କୋଟି ଟଙ୍କା ନିବେଶ କରାଯାଇଛି ଏବଂ ପ୍ରତିବର୍ଷ ପ୍ରାୟ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଏବଂ ୫୦ ମିଲିୟନ୍ ଆସେମ୍ବେଲଡ୍ ୟୁନିଟ୍ ଏବଂ ୧୩ ହଜାର ୨୦୦ ଆଧୁନିକ ଥ୍ରୀଡି ଏଆଇ ମଡ୍ୟୁଲ ପ୍ରସ୍ତୁତ କରାଯିବ।

**- V/O - (CM)**

## ଅଶ୍ୱିନୀ ବୈଷ୍ଣବ

ଭାରତରେ ଗତ ୧୨ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଛଅଗୁଣ ବୃଦ୍ଧି ପାଇଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଭାରତ ଏବେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ନେବା ସ୍ତରକୁ ଅଗ୍ରସର ହେଉଥିବା ଶ୍ରୀ ବୈଷ୍ଣବ କହିଛନ୍ତି। ଭୁବନେଶ୍ୱର ଇନ୍‌ଫୋଭ୍ୟାଲି-୨ରେ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ୟୁନିଟ୍‌ର ଶିଳାନ୍ୟାସ ପର୍ବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଥ୍ରୀଡି ପ୍ୟାକେଜିଂ ଜ୍ଞାନ କୌଶଳ ବ୍ୟବହାର କରି ଉତ୍ପାଦନ କରିବ। ସେ କହିଛନ୍ତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ବ୍ୟବହାର କରି ଭାରତ ଏବେ ବିଶ୍ୱର ଦ୍ୱିତୀୟ ପ୍ରମୁଖ ମୋବାଇଲ ଉତ୍ପାଦନକାରୀଭାବେ ଉଭା ହୋଇଛି।

**- V/O - (ଅଶ୍ୱିନୀ ବୈଷ୍ଣବ)**

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଥିବା ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ଅଧିକ ବଜେଟ୍ ଆବଣ୍ଟନ ହୋଇଥିବା କହିଛନ୍ତି। ଭୁବନେଶ୍ୱରରେ ବିକଶିତ ହୋଇଥିବା ନୂଆ ରେଳଷ୍ଟେସନ୍ ଭଳି ଆଗାମୀ ଦିନରେ ଓଡ଼ିଶାରେ ଆହୁରି ୫୯ଟି ଅତ୍ୟାଧୁନିକ ରେଳଷ୍ଟେସନ ପାଇଁ ବିକାଶ କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି।

## ସ୍କୁଲ ଛୁଟି-ଗ୍ରୀଷ୍ମପ୍ରବାହ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବାରୁ ଏହାର ଲୋକମାନଙ୍କୁ ସୁରକ୍ଷା ଦେବା ଲାଗି ସରକାର ଅଧିକ ସଂଖ୍ୟାର ଆଶ୍ରୟସ୍ଥଳି ନିର୍ମାଣ କରିବେ। ରାଜସ୍ୱ ବିଭାଗର ମାର୍ଗଦର୍ଶିକା। ଅନୁଯାୟୀ ଜିଲ୍ଲାପାଳମାନେ ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ, ସ୍କୁଲ ଛୁଟି ପାଇଁ ରାଜସ୍ୱ ଏବଂ ଗଣଶିକ୍ଷା ବିଭାଗ ମଧ୍ୟରେ ଆଲୋଚନା ହୋଇଛି। ଗ୍ରୀଷ୍ମପ୍ରକୋପ ବୃଦ୍ଧି ପାଉଥିବା ଅଂଚଳରେ ସ୍କୁଲ ଛୁଟି ପାଇଁ ସମ୍ପୃକ୍ତ ଅଂଚଳର ଜିଲ୍ଲାପାଳମାନଙ୍କୁ ନିଷ୍ପତ୍ତି ନେବାଲାଗି କ୍ଷମତା ପ୍ରଦାନ କରାଯାଇଛି।

## ଖୋର୍ଦ୍ଧା ସ୍କୁଲ ଛୁଟି

ଅସହ୍ୟ ଗରମ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଏହି ସମୟ ମଧ୍ୟରେ ବନ୍ଦ ରହିବ। ତେବେ ପରୀକ୍ଷା ନିର୍ଘଣ୍ଟରେ କୌଣସି ପରିବର୍ତ୍ତନ ହୋଇନଥିବା ଜଣାପଡିଛି।

ଆସନ୍ତା ସପ୍ତାହରେ ଦିନ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ସମ୍ଭାବନା ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ନଅଟି ଜିଲ୍ଲାରେ ଅଙ୍ଗନଓ୍ୱାଡି କେନ୍ଦ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ଚଳିତ ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଥିବାବେଳେ ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ୨୨ ତାରିଖ ଯାଏ ଏବଂ କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡା ଜିଲ୍ଲା ୨୧ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି। ନବରଙ୍ଗପୁରରେ ମଧ୍ୟ ଆସନ୍ତାକାଲିଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏବଂ ମୟୂରଭଞ୍ଜରେ ୨୩ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି।

## ବିଶ୍ୱ ଯକୃତ ଦିବସ

ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି।' ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କଠିନ ଅଭ୍ୟାସ : ଦୃଢ଼ ଯକୃତ' ।

ବିଶ୍ୱବ୍ୟାପୀ ପ୍ରାୟ ଦେଢ଼ ନିୟୁତ ଲୋକ ଦୀର୍ଘକାଳୀନ ଯକୃତ ରୋଗରେ ପୀଡିତ ହୋଇଥିବାବେଳେ ବାର୍ଷିକ ୨୦ ଲକ୍ଷ ରୋଗୀଙ୍କର ମୃତ୍ୟୁ ହେଉଥିବା ଜଣାପଡିଛି। ସୁସ୍ଥ ଖାଦ୍ୟ ଅଭ୍ୟାସ, ବ୍ୟାୟାମ, ମଦ୍ୟପାନ ନ କରିବା ଏବଂ

ପ୍ରାରମ୍ଭିକ ଯାଞ୍ଚ ମାଧ୍ୟମରେ ଫ୍ୟାଟି ଲିଭର ଏବଂ ସିରୋଶିଷ୍ ଭଳି ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ।

ବିଶ୍ୱ ଯକୃତ ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହିତ ଏକ ସୁସ୍ଥ ଯକୃତ ଏବଂ ଏକ ସୁସ୍ଥ ଭବିଷ୍ୟତ ପାଇଁ ପ୍ରତ୍ୟେକ ଦିନ ଭଲ ନିଷ୍ପତ୍ତି ନେବାକୁ ଆହ୍ୱାନ ଦେଇଛନ୍ତି। 'ଏକ ସୁସ୍ଥ ଯକୃତ, ଏକ ସୁସ୍ଥ ଜୀବନର ଚାବିକାଠି' ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି।

## ଶିଖରଚଣ୍ଡି ହାତୀ

ଗତ ତିନିଦିନ ହେଲା ଶିଖରଚଣ୍ଡୀ ମୁଣ୍ଡିଆରେ ଆତଙ୍କ ସୃଷ୍ଟି କରିଥିବା ଦୁଇ ଦନ୍ତାହାତୀଙ୍କୁ ଜଙ୍ଗଲକୁ ଘଉଡାଯାଇଥିବା ଜଣାପଡିଛି। ଚନ୍ଦକା ବନଖଣ୍ଡ ଡିଏଫ୍‌ଓଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଦଳ ରାତି ତମାମ ସୁନିୟୋଜିତ ଢଙ୍ଗରେ ହାତୀମାନଙ୍କୁ ଘଉଡାଇବା କାର୍ଯ୍ୟ କରିଥିଲା। ହାତୀଦ୍ୱୟ ବର୍ତ୍ତମାନ ଭରତପୁର ଜଙ୍ଗଲକୁ ଫେରିଯାଇଛନ୍ତି। ଅନେକ ସମୟରେ ଖାଦ୍ୟ ଅନ୍ୱେଷଣରେ ହାତୀଗୁଡ଼ିକ ଜଙ୍ଗଲଛାଡି ସହରମୁହାଁ ହେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ହାତୀମାନଙ୍କ ଗତିବିଧି ନିୟନ୍ତ୍ରଣ କରିବା ଲାଗି କେତେକ ହାତୀଙ୍କ ବେକରେ କୋଲାର ଲଗାଯାଇଥିବାବେଳେ, ହାତୀଗୁଡ଼ିକ ଯେଭଳି ଆଖପାଖ ଅଂଚଳକୁ ପ୍ରବେଶ ନ କରିବେ ସେଥିଲାଗି କେତେକ ଅତ୍ୟାଧୁନିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡିଛି।

## ତହସିଲଦାର ଆକ୍ରମଣ

ଯାଜପୁର ବ୍ୟାସନଗର ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଟ୍ରାକ୍ଟରର ମାଲିକ ଏବଂ ଡ୍ରାଇଭର ଅଛନ୍ତି। ଏଥିସହ ୫ଟି ଟ୍ରାକ୍ଟର ଏବଂ ୨ଟି ଜେସିବି ଜବତ କରାଯାଇଛି। ଲଘୁ ଖଣିଜ ଲୁଟ୍ ହେଉଥିବାର ଖବର ପାଇ ଚଢ଼ାଉ କରିବାକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ କରିଥିବାର ଅଭିଯୋଗ ହୋଇଥିଲା।

## ବିଦ୍ୟାଧରପୁର

କଟକ ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଧାନ ଗବେଷକମାନଙ୍କ ଚାରିଦିନିଆ ଜାତୀୟ ସମ୍ମିଳନୀ ଜାରି ରହିଛି। ସମ୍ମିଳନୀର ଆଜି ତୃତୀୟ ଦିନରେ ଦେଶର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ଧାନ ଗବେଷକ ଓ ବୈଜ୍ଞାନିକମାନେ ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ଯେଭଳି ଅଧିକରୁ ଅଧିକ ଫସଲ ଉତ୍ପାଦନ କରାଯାଇପାରିବ ସେ ନେଇ ଆଲୋଚନା କରୁଛନ୍ତି। ସମ୍ମିଳନୀରେ ୪୦୦ରୁ ଅଧିକ ବୈଜ୍ଞାନିକ ଯୋଗ ଦେଇଛନ୍ତି। ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ଉପମହାନିର୍ଦ୍ଦେଶକ ଡକ୍ଟର ଡି.କେ.ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଧାନ ଉତ୍ପାଦନରେ ଭାରତର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି। ବୈଜ୍ଞାନିକମାନେ ଧାନ ଉତ୍ପାଦନର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି।

## ଅଭିଭାବକ-ଶିକ୍ଷକ ବୈଠକ

ରାଜ୍ୟରେ ଚଳିତମାସରେ ଖଡିଛୁଆଁ ଓ ବିଦ୍ୟାଳୟ ପ୍ରବେଶ କାର୍ଯ୍ୟ ହେବା ପରେ ଆସନ୍ତା ୩୦ ତାରିଖରେ ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡ଼ିକରେ ସେହିଦିନ ପ୍ରଥମ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ମଧ୍ୟ ଏପ୍ରିଲ ୩୦ ତାରିଖରେ ଅନୁଷ୍ଠିତ ହେବ। ଓସେପା ପକ୍ଷରୁ ବୈଠକ ଆୟୋଜନ ନେଇ ସମସ୍ତ ଜିଲ୍ଲା, ବ୍ଲକ୍ ଶିକ୍ଷାଧିକାରୀ ଏବଂ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଯାଇଛି।

## ଶକ୍ତି ସଦନ ପରିଦର୍ଶନ

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ  ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଶିଶୁ ଅନୁଷ୍ଠାନ, ସେବା ଶ୍ରମ ଓ ଶକ୍ତି ସଦନ ପରିଦର୍ଶନ କରିଛନ୍ତି। ସେଠାକାର ପରିଚାଳନା, ମୌଳିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ଶିଶୁମାନଙ୍କ ସହିତ ସେମାନଙ୍କର ଅନୁଭୂତି, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପାଣିପାଗ

ରାଜ୍ୟରେ ଗରମ ଓ ଗୁଳୁଗୁଳି ପାଗ ଜାରି ରହିଛି। ପରବର୍ତ୍ତୀ ୬ ରୁ ୭ ଦିନ ଯାଏ ଦିନ ତାପମାତ୍ରାରେ ସେଭଳି ବଡ଼ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା

ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଟିଟିଲାଗଡ଼ଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୭ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।